# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**05 April - 2024**

**News Editor : *Tapan Kumar Maharana***

********************************

## ମୁଖ୍ୟ ସମ୍ବାଦ

- ମତଦାନ ହାର ବଢ଼ାଇବା ପାଇଁ ଭାରତର ନିର୍ବାଚନ କମିଶନ୍ ପ୍ରସ୍ତୁତ କରିଛନ୍ତି ୩ଟି ରଣନୀତି
- ବିଜେଡି ପକ୍ଷରୁ ଆଜି ତୃତୀୟ ପର୍ଯ୍ୟାୟରେ ୯ ଜଣ ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା
- କଟକ ଏବଂ ଜଗତ୍‌ସିଂହପୁରରେ ନିଯୁକ୍ତ ହେଲେ ନୂତନ ଜିଲ୍ଲାପାଳ

ଏବଂ

- ରାଜ୍ୟରେ ଦିନ ୨ଟା ୩୦ ମିନିଟ୍ ସୁଦ୍ଧା ୫ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ

— ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ୪୩ ଦଶମିକ ୨ ଡିଗ୍ରୀ ରେକର୍ଡ

# ନିର୍ବାଚନ ହାର କମ୍...

ଦେଶର ୨୬୬ଟି ଲୋକସଭା ନିର୍ବାଚନ ମଣ୍ଡଳୀରେ ଗତ ୨୦୧୯ ନିର୍ବାଚନରେ ମତଦାନ ହାର କମ୍ ଥିବାରୁ ଭାରତର ନିର୍ବାଚନ କମିଶନ ସେହି ନିର୍ବାଚନମଣ୍ଡଳୀଗୁଡ଼ିକରେ ମତଦାନ ହାର ବଢ଼ାଇବା ପାଇଁ ପଦକ୍ଷେପ ନେଇଛନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାରଙ୍କ ଅଧକ୍ଷତାରେ ଆଜି ନୂଆଦିଲ୍ଲୀରେ ଏହି ସମ୍ପର୍କିତ ହୋଇଥିବା ଏକ ବୈଠକରେ ଭୋଟ ହାର କମ୍ ଥିବା ନିର୍ବାଚନ ମଣ୍ଡଳୀଗୁଡ଼ିକର ଜିଲ୍ଲାପାଳ ଏବଂ ମୁନିସ୍‌ପାଲିଟ୍ କମିଶନରଙ୍କ ସହିତ ଆଭାସୀ ଜରିଆରେ ଆଲୋଚନା କରିଥିଲେ । ସୂଚନା ଅନୁସାରେ ଗତ ନିର୍ବାଚନରେ ୨୬୬ଟି ଲୋକସଭା ନିର୍ବାଚନ ମଣ୍ଡଳୀର ୨୧୫ଟି ଗ୍ରାମାଂଚଳ ଏବଂ ୫୧ଟି ସହରାଞ୍ଚଳରେ ଭୋଟ ହାର ୬୭ ପ୍ରତିଶତରୁ କମ୍ ଥିଲା । ବୈଠକରୁ ମିଳିଥିବା ସୂଚନା ଅନୁସାରେ ଭୋଟ ହାର ବଢ଼ାଇବା ଲାଗି ନିର୍ବାଚନ କମିଶନଙ୍କ ପକ୍ଷରୁ ୩ଟି ରଣନୀତି ପ୍ରସ୍ତୁତ କରାଯାଇଛି । ଭୋଟ ଦେବାପାଇଁ ଆସୁଥିବା ଲୋକମାନଙ୍କ ପାଇଁ ଶୃଙ୍ଖଳିତ ଭାବେ ଧାଡିରେ ଠିଆହେବାର ବ୍ୟବସ୍ଥା ଉପରେ କମିଶନ ଗୁରୁତ୍ୱ ଦେଇଛନ୍ତି । ଏହାଛଡା ଛୋଟ ଏବଂ ଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ସାଇକେଲ ଓ ମୋଟରଗାଡ଼ି ରଖିବା ଲାଗି ଉପଯୁକ୍ତ ବ୍ୟବସ୍ଥା ଏବଂ ଭୋଟରମାନଙ୍କୁ ମତଦାନ ବାବଦରେ ସଚେତନ କରିବା ପାଇଁ ସ୍ଥାନୀୟ ଅଞ୍ଚଳର କଳାକାର ବୁଦ୍ଧିଜୀବୀମାନଙ୍କୁ ସାମିଲ କରିବା ପାଇଁ କମିଶନ ଗୁରୁତ୍ୱ ଦେଇଛନ୍ତି । ସୂଚନା ଅନୁସାରେ, ଗତ ଲୋକସଭା ନିର୍ବାଚନରେ  ଦେଶର ପ୍ରାୟ ୨୯ କୋଟି ୧୭ ଲକ୍ଷ ଭୋଟର

ଭିନ୍ନ ଭିନ୍ନ ଛୋଟ ଛୋଟ କାରଣ ଦେଖାଇ ମତଦାନ କରି ନଥିବା ଜଣାପଡିଛି ।

ଅନ୍ୟପକ୍ଷରେ ଆଜି ସମ୍ବଲପୁରଠାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସାଧାରଣ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଛନ୍ତି । ସାଧାରଣ ନିର୍ବାଚନକୁ ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ଓ ଆଦର୍ଶ ଆଚରଣ ବିଧି ପାଳନ କରିବା ପାଇଁ ସେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମତଦାତାମାନଙ୍କ ସୁବିଧା ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି । ନିର୍ବାଚନ ପରିଚାଳନା ଅଧିକାରୀ, କର୍ମଚାରୀ ଏବଂ ଭ୍ରାମ୍ୟମାଣ ଟିମ୍‌ର ସୁବିଧା ପ୍ରତି ଦୃଷ୍ଟି ଦେବାକୁ ସେ ବୈଠକରେ କହିଛନ୍ତି । ନିର୍ବାଚନ ସମୟରେ ନକ୍ସଲ କାର୍ଯ୍ୟକଳାପ ଉପରେ ପୁଲିସ୍‌କୁ ସତର୍କ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ରାଜସ୍ୱ କମିଶନର, ଉତ୍ତରାଞ୍ଚଳ ଆଇଜି, ରାଉରକେଲା ଓ ତାଳଚେର ରେଞ୍ଜ ଡିଆଇଜି ୭ ଜଣ ଜିଲ୍ଲାପାଳ ଏବଂ ଏସ୍‌ପି ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେଡି ପ୍ରାର୍ଥୀ ଘୋଷଣା

ବିଜେଡ଼ି ପକ୍ଷରୁ ଆଜି ତୃତୀୟ ପର୍ଯ୍ୟାୟରେ ୯ ଜଣ  ବିଧାନସଭା ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି । ବାରବାଟୀ କଟକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରକାଶ ବେହେରାଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ଜୟଦେବ ଆସନରୁ ନବକିଶୋର ମଲ୍ଲିକ୍, ସାଲେପୁରରୁ ପ୍ରଶାନ୍ତ ବେହେରା, ବାଲେଶ୍ୱରରୁ ସ୍ୱରୂପ ଦାସ, ରାଇରଙ୍ଗପୁରରୁ ରାଇସିଙ୍ଗ ମୁର୍ମୁ, କେନ୍ଦୁଝରରୁ ମୀନା ମାଝୀ, ବୀରମିତପୁରରୁ ରୋହିତ୍ ଯୋସେଫ ତିର୍କି, ରାଉରକେଲାରୁ

ସାରଦା ନାୟକ ଏବଂ ରେଙ୍ଗାଲିରୁ ସୁଦର୍ଶନ ହରିପାଲଙ୍କ ନାମ ଘୋଷଣା କରାଯାଇଛି ।

## ଜିଲ୍ଲାପାଳ ନିଯୁକ୍ତ

କଟକ ଜିଲ୍ଲାପାଳ ଭାବେ ୨୦୧୧ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଅରିନ୍ଦମ୍ ଡାକୁଆଙ୍କୁ ନିଯୁକ୍ତି ଦିଆଯାଇଛି । ଏହାପୂର୍ବରୁ ସେ ପାନୀୟ ଜଳ ଓ ପରିମଳ ବିଭାଗର ନିର୍ଦ୍ଦେଶକ ଥିଲେ । ସେହିପରି ୨୦୧୨ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ ଅନୁପମ ସାହାଙ୍କୁ ଜଗତ୍‌ସିଂହପୁର ଜିଲ୍ଲାପାଳ ଭାବେ ଅବସ୍ଥାପିତ କରାଯାଇଛି । ସେ ପୂର୍ବରୁ ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ ।

ରାଜ୍ୟରେ ଦୁଇଜଣ ଆରକ୍ଷୀ ଅଧିକ୍ଷକ ଓ ଜଣେ ଡିସିପିଙ୍କୁ  ନିର୍ବାଚନ କମିଶନ୍ ନିଯୁକ୍ତି ଦେଇଛନ୍ତି । ଆଇପିଏସ୍ ଅଧିକାରୀ ପ୍ରକାଶ ଆର୍‌ଙ୍କୁ କଟକର ନୂଆ ଡିସିପି ଭାବେ ନିଯୁକ୍ତି ମିଳିଛି । ସେହିପରି ବ୍ରିଜେଶ ରାୟଙ୍କୁ ରାଉରକେଲା ଏବଂ ଡ. ଉମାଶଙ୍କର ଦାସଙ୍କୁ ଅନୁଗୋଳ ଆରକ୍ଷୀ ଅଧିକ୍ଷକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ଏନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଛି ।

ସୂଚନାଯୋଗ୍ୟ, ଗତ ୨ ତାରିଖରେ ରାଜ୍ୟର ୨ ଜିଲ୍ଲାପାଳ ୫ ଆରକ୍ଷୀ ଅଧିକ୍ଷକ ଓ ଜଣେ ଆଇଜିଙ୍କୁ ନିର୍ବାଚନ ଦାୟିତ୍ୱରୁ ତୁରନ୍ତ ସ୍ଥାନାନ୍ତର କରିବାକୁ ଭାରତର ନିର୍ବାଚନ ଆୟୋଗ ନିର୍ଦ୍ଦେଶ ଦେଇଥିଲେ ।

## ରଥକାଠ-ନୟାଗଡ଼

ପୁରୀ ଶ୍ରୀକ୍ଷେତ୍ରରେ ଅନୁଷ୍ଠିତ ହେବାକୁ ଥିବା ରଥଯାତ୍ରା ପାଇଁ ଶ୍ରୀଜୀଉମାନଙ୍କ ୩ ରଥ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା କାଠ ତଦାରଖ କରିବାକୁ ଶ୍ରୀମନ୍ଦିର ପକ୍ଷରୁ ୩ ଜଣିଆ ପ୍ରତିନିଧିମଣ୍ଡଳୀ ନୟାଗଡ଼ ଆସିଛନ୍ତି। ବରିଷ୍ଠ ରଥ ନିର୍ମାଣ ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ସହ ରଥ ଅମିନ ଏବଂ ଭୋଇ ସଦର ଦକ୍ଷିଣ ଓ ଉତ୍ତର ଘୁମୁସର ଡିଭିଜନ୍‌ର ବିଭିନ୍ନ ଜଙ୍ଗଲକୁ ଯାଇ ଆବଶ୍ୟକ ଗଛ ଚିହ୍ନଟ କରିଥିଲେ। ପରେ ଏହି ପ୍ରତିନିଧିମଣ୍ଡଳୀ ନୟାଗଡ଼-ଗଞ୍ଜାମ ଜିଲ୍ଲାର ବିଭିନ୍ନ ବନାଞ୍ଚଳକୁ ଯାଇ ଗଛଗୁଡିକ ଶ୍ରୀଜୀଉମାନଙ୍କ ରଥ ନିର୍ମାଣ ପାଇଁ ଗଛ ଚିହ୍ନଟ କରିବେ।

## ନିର୍ବାଚନ ଖବର

ଆସନ୍ତା ସାଧାରଣ ନିର୍ବାଚନକୁ ମୁକ୍ତ ଅବାଧ କରିବା ପାଇଁ କେନ୍ଦୁଝର ଜିଲ୍ଲାପାଳ ତଥା ନିର୍ବାଚନ ଅଧିକାରୀ ବିଶାଲ୍ ସିଂଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୬ଟି ନିର୍ବାଚନମଣ୍ଡଳୀରେ ୧ ହଜାର ୭୨୦ଟି ବୁଥ୍ ମଧ୍ୟରେ ୧୭୯ଟି ସମ୍ବେଦନଶୀଳ ବୁଥ୍ ଥିବା ନେଇ ଜିଲ୍ଲାପାଳ ସୂଚନା ଦେଇଛନ୍ତି। ନିର୍ବାଚନ ପରିଚାଳନାରେ ଏକ କମ୍ପାନୀ ସିଏପିଏଫ୍ ମୁତୟନ ହେବେ ବୋଲି ଜିଲ୍ଲାପାଳ କହିଛନ୍ତି।

**- V/O –**

## ସୁବିଧା ପୋର୍ଟାଲ

ଆସନ୍ତା ସାଧାରଣ ନିର୍ବାଚନକୁ ସୁରୁଖୁରୁରେ ପରିଚାଳନା କରିବା ପାଇଁ ଭାରତୀୟ ନିର୍ବାଚନ କମିଶନ୍‌ଙ୍କ ଦ୍ୱାରା ବ୍ୟବସ୍ଥା କରାଯାଇଥିବା ସୁବିଧା ପୋର୍ଟାଲର ସଠିକ୍ ବ୍ୟବହାର କରିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବିଭାଗର ନୋଡାଲ୍ ଅଧିକାରୀମାନେ ଯୋଗଦେଇ ଏହି ପୋର୍ଟାଲର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅନ୍ୟ ଏକ ବୈଠକରେ ଜିଲ୍ଲାର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗଦେଇ ସୁବିଧା ପୋର୍ଟାଲର ସଠିକ ବ୍ୟବହାର ଉପରେ ଜ୍ଞାନ ଆହରଣ କରିଥିଲେ।

## ସଚେତନତା ଶୋଭାଯାତ୍ରା

ବୌଦ୍ଧଠାରେ ବ୍ୟବସ୍ଥିତ ମତଦାତାଙ୍କ ଶିକ୍ଷା ଏବଂ ନିର୍ବାଚନରେ ଅଂଶଗ୍ରହଣ ନେଇ ଏକ ସଚେତନତା ଶୋଭାଯାତ୍ରା ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବୌଦ୍ଧ ପଞ୍ଚାୟତ କଲେଜଠାରେ ଏକ ବୈଠକ ହୋଇଥିଲା। ଉପଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମତଦାତାମାନଙ୍କୁ ମତ ଦାନ କରିବାକୁ ଜିଲ୍ଲାପାଳଙ୍କ ବାର୍ତ୍ତା ଦିଆଯାଇଥିଲା।

## ଗ୍ରୀଷ୍ମ ଲହରୀ

ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ ସମଗ୍ର ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଦିନ ୨.୩୦ ମିନିଟ୍ ସୁଦ୍ଧା ରାଜ୍ୟର ୫ଟି ପ୍ରମୁଖ ସହରର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଥିଲା। ରାଜଧାନୀ ଭୁବନେଶ୍ୱରର ସର୍ବୋଚ୍ଚ ତାପମାତ୍ରା ୪୩

ଦଶମିକ ୨ ଡିଗ୍ରୀ ସହ ଏହା ସବୁଠାରୁ ଉତ୍ତପ୍ତ ସହର ରୂପେ ପରିଗଣିତ ହୋଇଛି। ସମ୍ବଲପୁରର ସର୍ବୋଚ୍ଚ ତାପମାତ୍ରା ୪୦ ଦଶମିକ ୮ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ହୀରାକୁଦ ଓ ଚାନ୍ଦବାଲିରେ ୪୦ ଦଶମିକ ୬, ଝାରସୁଗୁଡ଼ାରେ ୪୦ ଦଶମିକ ୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି।

ରାଜ୍ୟରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ପ୍ରବଳ ଗରମ ଅନୁଭୂତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ହିଟ୍ ୱେଭ୍ ଆଲର୍ଟ ଜାରି କରାଯାଇଛି । ତେବେ ଆସନ୍ତା ଶନିବାର ବେଳକୁ ରାଜ୍ୟରେ କେତେକ ସ୍ଥାନରେ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ଥିବାରୁ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି।
ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଖୋର୍ଦ୍ଧା, କଟକ, ବଲାଙ୍ଗିର, ବୌଦ୍ଧ, ଅନୁଗୋଳ, ମାଲକାନଗିରି, ନୟାଗଡ଼ ଓ କେନ୍ଦୁଝର ଆଦି ଜିଲ୍ଲାପାଇଁ ହିଟ୍ ୱେଭ୍ ଆଲର୍ଟ ଜାରି କରାଯାଇଛି। ସେହିପରି ବଲାଙ୍ଗିର, କନ୍ଧମାଳ, ବୌଦ୍ଧ ଓ ଭଦ୍ରକ ଜିଲ୍ଲାରେ ଉଷ୍ମ ତାତି ଅନୁଭୂତ ହେବା ନେଇ ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

*********************************